## ସଂକ୍ଷେପରେ

### ୩,୪୦୦ ଲିଟର ପୋଚ, ୨୪୭ ଲିଟର ମଦ ଜବତ

**ଢେଙ୍କାନାଳଅଫିସ/କାମାକ୍ଷାନଗର(ଡି.ଏନ୍.ଏ.), ୪।୯:** ଢେଙ୍କାନାଳ ଜିଲା ଅବକାରୀ ବିଭାଗ ରବିବାର ପୃଥକ୍ ସ୍ଥାନରେ ଚଢ଼ାଉ କରି ପ୍ରାୟ ୨୪୭ ଲିଟର ଚୋରା ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ ମହିଳାଙ୍କ ସମେତ ମୋଟ ୩ ଜଣ ଗିରଫ ହୋଇଛନ୍ତି। ଜିରିଡ଼ାମାଳି ଅଞ୍ଚଳରୁ ଏକ ଅଟୋରିକ୍ସାରେ ମଦ ଚାଲାଣ ହେଉଥିବା ସୂଚନା ପାଇ ଅବକାରୀ କର୍ମଚାରୀ ଚଢ଼ାଉ କରିଥିଲେ। ଏହି ଘଟଣାରେ ଉପେନ୍ଦ୍ରନାଥ ସୋରେନ୍ ଗିରଫ ହୋଇଛନ୍ତି। ତାଙ୍କ ନିକଟରୁ ୧୫୦ ଲିଟର ମଦ ଓ ଅଟୋରିକ୍ସା ଜବତ କରାଯାଇଛି। ସେହିପରି ବାଟଗାଁର ଜାନକୀ ହାଁସଦାଙ୍କଠାରୁ ୨୫ ଲିଟର, ଭାଲୁମୁଣ୍ଡାର ବାସନ୍ତୀ ହାଁସଦାଙ୍କଠାରୁ ୨୨ ଲିଟର ଦେଶୀମଦ ଜବତ କରାଯାଇଛି। ସେହିପରି କାମାକ୍ଷାନଗର ଥାନା ଜିରିଡାମାଳି, କଙ୍କଡ଼ାହାଡ଼ ଥାନା ବାଟଗାଁ ଭାଲୁମୁଣ୍ଡା, ସଦର ଥାନା ପଦ୍ମନାଭପୁର, ବାଈଧରପାଟଣା ଅଞ୍ଚଳରୁ ୩,୪୦୦ ଲିଟର ପୋଚ ଜବତ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀମାନେ ଚଢ଼ାଉ କରିଥିଲେ।

# ଶିଷ୍ୟ ବିନା ଶିକ୍ଷକ ଅସ୍ତିତ୍ୱହୀନ

'ଗୁରୁଙ୍କୁ ନ ମଣିବ ନର, ଗୁରୁ ଯେ ସାକ୍ଷାତ୍ ଈଶ୍ୱର'। ଶିକ୍ଷକ ସମାଜ ଉଦ୍ଦେଶ୍ୟରେ ଉଲ୍ଲେଖଥିବା ଏହି ଆପ୍ତବାକ୍ୟ ହିଁ ସେମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଏବଂ ସ୍ଥାନକୁ ସମାଜରେ ପ୍ରତିପାଦିତ କରେ। ଅଜ୍ଞାନରୂପକ ଅନ୍ଧାରରୁ ଜ୍ଞାନର ଆଲୋକ ମାର୍ଗ ଦେଖାଇଥିବା ଗୁରୁଙ୍କ ପାଇଁ ଭାରତୀୟ ସଂସ୍କୃତି, ପରମ୍ପରା, ଶାସ୍ତ୍ରରେ ରହିଛି ସ୍ୱତନ୍ତ୍ର ସ୍ଥାନ। ତାଙ୍କୁ ଈଶ୍ୱରଙ୍କ ସହ କରାଯାଇଛି ତୁଳନା। ହେଲେ ପରିବର୍ତ୍ତିତ ସମୟରେ ପୂଜ୍ୟପୂଜାର ଏହି ପରମ୍ପରା ଦୋହଲିବା ଆରମ୍ଭ କଲାଣି। ଏଭଳି ମହନୀୟ ସମ୍ପର୍କରେ ଲାଗୁଛି କଳାଦାଗ, ଯାହା ପାଲଟୁଛି ଖବରର ଶିରୋନାମା। ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ଉପଲକ୍ଷେ ସାରା ଦେଶରେ ସେପ୍ଟେମ୍ବର ୫କୁ ଗୁରୁଦିବସ ଭାବେ ପାଳନ କରାଯାଉଥିବାବେଳେ ଗୁରୁ-ଶିଷ୍ୟର ମହନୀୟ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଆସିଛି ଅବସର। ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଗୁରୁଙ୍କ ମତକୁ ନେଇ ଏହି ଉପସ୍ଥାପନା....

**ରିପୋର୍ଟ: ସୁଧୀର ପରିଡ଼ା, କାମାକ୍ଷାନଗର**

### ଛାତ୍ରୀଛାତ୍ରଙ୍କୁ ବାଦ୍‌ଦେଲେ ଗୁରୁ ମୂଲ୍ୟହୀନ



ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରି ଯେତେ ଉପରକୁ ଯିବେ, ସେହି ଅନୁଷ୍ଠାନ ଓ ସେହି ଗୁରୁଙ୍କ ମର୍ଯ୍ୟାଦା ସେତିକି ବୃଦ୍ଧି ପାଇବ। ଯେମିତି ପାଣି ବିନା ମାଛର ଜୀବନ ମୂଲ୍ୟହୀନ ଠିକ୍ ସେହିପରି ଶିଷ୍ୟ ବିନା ଗୁରୁ। ଗୁରୁ-ଶିଷ୍ୟ ଯେତେ ନିକଟତର ସେଠାରେ ଛାତ୍ର ସେତେ ସଫଳ। ଏହି ସମ୍ପର୍କ ଅତୁଟ ରହିଲେ ସମାଜର ମଙ୍ଗଳ ସାଧିତ ହେବ।

-ଡ. ସୁରେଶ ମିଶ୍ର, ଅଧକ୍ଷ, ଇ-ଟେକ୍ ଆବାସିକ ଉଚ୍ଚ ମାଧମିକ ବିଦ୍ୟାଳୟ

### ସମ୍ପର୍କ ପାଠପଢ଼ାରେ ସୀମିତ ନ ରହୁ



ମା'ବାପା ସନ୍ତାନଙ୍କୁ ଜନ୍ମ ଦିଅନ୍ତି ସତ, ହେଲେ କିଭଳି ସମାଜରେ ଆଦର୍ଶ ହୋଇପାରିବ ସେ କଥା ଶିଖାଇଥାନ୍ତି ଗୁରୁ। କହିବାକୁ ଗଲେ ଶିକ୍ଷକ ହେଉଛନ୍ତି ମଣିଷ ଗଢ଼ା କାରଖାନା। ତେଣୁ ଏହି ମହନୀୟ ସମ୍ପର୍କ କେବଳ ପାଠପଢ଼ା ମଧରେ ସୀମିତ ରହିବା ଅନୁଚିତ। ଏହା ବ୍ୟାପକ ହେବା ମଧ ସେତିକି ଜରୁରୀ।

-ପ୍ରଫେସର ଡ.ଶ୍ରୀନିବାସ ସେଠୀ, କମ୍ପ୍ୟୁଟର ବିଭାଗ ମୁଖ୍ୟ, ଆଇଜିଆଇଟି

### ଗୁରୁ ବି ଏକଦା ଶିଷ୍ୟ ଥିଲେ



ଶିଷ୍ୟ ହିଁ ଗୁରୁଙ୍କ ମର୍ଯ୍ୟାଦା ବୃଦ୍ଧି କରିଥାଆନ୍ତି। ଜଣେ ବ୍ୟକ୍ତି ଯେଉଁ ବିଭାଗରେ ଦକ୍ଷ ହୁଅନ୍ତୁ ନା କାହିଁକି, ସେ ଗୁରୁଙ୍କୁ ଭୁଲିଯିବା ଅନୁଚିତ। ଏକଥା ବି ଶିକ୍ଷକ ମନେ ରଖିବା ଉଚିତ ଯେ, ସେ ବି ଏକଦା ଶିଷ୍ୟ ଥିଲେ। ଏବର ଶିଷ୍ୟ ଭବିଷ୍ୟତରେ ଗୁରୁ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

-ଶ୍ରୀରାମ କୁମାର ରାଉତ, ପ୍ରଧାନ ଶିକ୍ଷକ, କାନପୁରା ପଞ୍ଚାୟତିରାଜ ହାଇସ୍କୁଲ

### ମାର୍ଗଦର୍ଶନରେ ଆନନ୍ଦ ମିଳେ



ଭାରତୀୟ ସାମାଜିକ ବ୍ୟବସ୍ଥାରେ ଗୁରୁଙ୍କ ସ୍ଥାନ ସର୍ବଦା ଉଚ୍ଚରେ। ଶିଷ୍ୟଙ୍କୁ ଭଲ ଦିଗ ଦେଖାଇବା, ଚରିତ୍ର ଗଠନ କରିବା ଗୁରୁଙ୍କ ପାଇଁ ବଡ ଆହ୍ୱାନ। ଗୁରୁଦିବସରେ କେବଳ ଗୁରୁ ପୂଜା ପାଇ ନ ଥାନ୍ତି, ଶିଷ୍ୟଙ୍କ ମାର୍ଗଦର୍ଶନ ମଧ କରିଥାଆନ୍ତି। ଏଥିରେ ଯେଉଁ ଆନନ୍ଦ ମିଳେ, ତାହାକୁ ଭାଷାରେ ବର୍ଣ୍ଣନା କରିହେବନାହିଁ।

-ଚିତ୍ତରଞ୍ଜନ ଦାଶ, ଅଧକ୍ଷ, ମଠକରଗୋଳା କଲେଜ

## ଏଏପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ




**ଢେଙ୍କାନାଳ ଅଫିସ, ୪।୯**

ଢେଙ୍କାନାଳ ଆମ୍ ଆଦମୀ ପାର୍ଟି (ଏଏପି)ର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଗୋପବନ୍ଧୁ ଟାଉନ୍ ହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରବକ୍ତା ତଥା ଜିଲା ପର୍ଯ୍ୟବେକ୍ଷକ ଡ. ଅଜୟ ପତି ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାର, ଦୁର୍ନୀତି ଓ ଭ୍ରଷ୍ଟାଚାରମୁକ୍ତ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାରେ ଦଳ ସାମର୍ଥ୍ୟ ହାସଲ କରିଛି। ତୃଣମୂଳସ୍ତରରୁ ଯୁବବର୍ଗଙ୍କୁ ଯୋଡ଼ିବା ପାଇଁ ଜୋନ ଓ ନିର୍ବାଚନମଣ୍ଡଳୀସ୍ତରରେ ବୈଠକ କରିବା ନିମନ୍ତେ ଜିଲା ସଭାପତି ପଙ୍କଜ ନାୟକ କହିଥିଲେ। ସପ୍ତାହକ ମଧରେ ଗ୍ରାମ ଓ ପଞ୍ଚାୟତରେ ସଭ୍ୟ ସଂଗ୍ରହ ପାଇଁ କର୍ମୀଙ୍କୁ ମ୍ୟାପିଂଶିଟ୍ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ପ୍ରତି ବ୍ଲକରେ ଏଭଳି ସମ୍ମିଳନୀର ଆୟୋଜନ କରାଯିବ ବୋଲି ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର ଭର୍ଚୁଆଲ ମାଧମରେ ବାର୍ତ୍ତା ଦେଇଥିଲେ। ମହିଳା ସଭାନେତ୍ରୀ ସ୍ନେହଲତା ମହାନ୍ତି, ପୁଷ୍ପାଞ୍ଜଳି ରଣା, ଉପସଭାପତି ପର୍ଶୁରାମ ମହାଭୋଇ, ରମେଶ ଚନ୍ଦ୍ର ପଣ୍ଡା, ସୋସିଆଲ ମିଡିଆ ପ୍ରଭାରୀ ଜିତେନ୍ଦ୍ର ବେହେରା, ସମସ୍ତ ବ୍ଲକ ସଭାପତିଙ୍କ ସମେତ ବହୁ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ବିଭୂତି ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଭାଷା ଅଡୁଆରୁ ବୃଦ୍ଧାଶ୍ରମରେ ମାସେ

- ଭୁଲ ଟ୍ରେନ୍‌ରେ ଚଢ଼ିଯାଇଥିଲେ
- ଢେଙ୍କାନାଳରେ ଓହ୍ଲାଇ ଦେଇଥିଲେ ସହଯାତ୍ରୀ
- ପୁଅଙ୍କ ସହ ଚେନ୍ନାଇ ଫେରିଲେ ସୁବ୍ରମଣ୍ୟମ୍



**ଢେଙ୍କାନାଳ ଅଫିସ, ୪।୯**

ଶ୍ରୀକ୍ଷେତ୍ର ପୁରୀରେ ରହୁଥିବା ବନ୍ଧୁ ଘରକୁ ଆସିଥିଲେ ସୁଦୂର ଚେନ୍ନାଇରୁ। ଘରକୁ ଫେରିବା ବେଳେ ହୋଇଗଲା ବଡ଼ ଗଡ଼ବଡ଼। ଭୁଲ୍ ଟ୍ରେନ୍‌ରେ ଚଢ଼ିଗଲେ ୬୪ ବର୍ଷୀୟ ସୁବ୍ରମଣ୍ୟମ୍। ଟ୍ରେନ୍ ଭିତରେ ଏହା ଜଣାପଡ଼ିବା ପରେ କେତେଜଣ ସହଯାତ୍ରୀ ତାଙ୍କୁ ଓହ୍ଲାଇ ଦେଇଥିଲେ ଢେଙ୍କାନାଳ ଷ୍ଟେଶନରେ। ହେଲେ କେବଳ ତାମିଲ ଭାଷା ବୁଝୁଥିବାରୁ ଅଡୁଆ ବଢ଼ିଥିଲା। ପୋଲିସ ସହାୟତାରେ ତାଙ୍କୁ ଥଇଥାନ କରାଯାଇଥିଲା ବରିଷ୍ଠ ନାଗରିକ ଗୃହରେ। ପୋଲିସ, ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ବଦାନ୍ୟ ବ୍ୟକ୍ତିଙ୍କ ମିଳିତ ଉଦ୍ୟମରେ ପାଖାପାଖି ମାସକ ପରେ ବୃଦ୍ଧ ବାପାଙ୍କୁ ଖୋଜିପାଇଛନ୍ତି ପୁଅ ଆନନ୍ଦନ୍। ବାପ-ପୁଅଙ୍କ ମିଳନର ଦୃଶ୍ୟ ବରିଷ୍ଠ ନାଗରିକ ଗୃହରେ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିବା ବେଳେ ପରିବାର ସହ ସୁରକ୍ଷିତ ଭାବେ ଘରକୁ ଫେରିଛନ୍ତି ବୃଦ୍ଧ ସୁବ୍ରମଣ୍ୟମ୍।

ସମ୍ପୂର୍ଣ୍ଣ ଘଟଣା ଏହିପରି। ପୁରୀରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିବା ସୁବ୍ରମଣ୍ୟମ୍ ଗତ ଅଗଷ୍ଟ ୧୨ରେ ଘରକୁ ଫେରିବାକୁ ଷ୍ଟେଶନ ଆସିଥିଲେ। ତେବେ ଭାଷା ଜାଣି ନ ଥିବାରୁ ଭୁଲବଶତଃ ତପସ୍ୱିନୀ ଏକ୍ସପ୍ରେସରେ ଚଢ଼ିଯାଇଥିଲେ। ବଗିରେ ବସିଥିବା ଯାତ୍ରୀମାନେ ଏ ସମ୍ପର୍କରେ ଜଣାଇବା ସହ ତାଙ୍କୁ ରାତି ପ୍ରାୟ ୧୧ଟା ୧୫ରେ ଢେଙ୍କାନାଳ ଷ୍ଟେଶନରେ ରେଲ୍‌ୱେ ପୋଲିସ ହେପାଜତରେ ଛାଡ଼ିଥିଲେ। ତେବେ ତାମିଲ ଛଡ଼ା ଅନ୍ୟ କୌଣସି ଭାଷା ବୁଝିପାରୁ ନ ଥିବାରୁ ପୋଲିସ ମଧ ଅଡୁଆରେ ପଡିଯାଇଥିଲା। ଅନ୍ୟ ଉପାୟ ନ ଥିବାରୁ ତାଙ୍କୁ ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନର ବରିଷ୍ଠ ନାଗରିକ ଗୃହକୁ ପଠାଇ ଦେଇଥିଲା। ସୁବ୍ରମଣ୍ୟମ୍‌ଙ୍କ ଆଧାର କାର୍ଡରୁ ଠିକଣା ଓ ଟେଲିଫୋନ୍ ନମ୍ବର ସଂଗ୍ରହ କରାଯାଇ ଚେନ୍ନାଇରେ ସେ ରହୁଥିବା ନିକଟସ୍ଥ ଥାନାକୁ ସୂଚନା ଦିଆଯାଇଥିଲା। ସେଠାକାର ପୋଲିସ ତଦନ୍ତ କରି ପରିବାର ଲୋକଙ୍କୁ ସମସ୍ତ ଘଟଣାବଳୀ ଜଣାଇଥିଲା। ଏହାପରେ ଚେନ୍ନାଇରେ ରହୁଥିବା ପୁଅ ଆନନ୍ଦନ୍‌ଙ୍କ ସହ ସଂସ୍ଥା ପକ୍ଷରୁ ଭିଡିଓ କଲିଂ ଯୋଗେ କଥାବାର୍ତ୍ତା କରାଯାଇଥିଲା। ଆନନ୍ଦନ୍ ତାଙ୍କ ସଂସ୍ଥାରେ କାମ କରୁଥିବା ଓଡ଼ିଆ ଯୁବକ ତଥା ଚଣ୍ଡିଖୋଲ ଅଞ୍ଚଳର ପ୍ରଫୁଲ୍ଲ କୁମାର ରାୟଙ୍କୁ ସାଙ୍ଗରେ ଧରି ଢେଙ୍କାନାଳରେ ପହଞ୍ଚିଥିଲେ। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ବୃଦ୍ଧଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାୟ ମାସକ ପରେ ବାପାଙ୍କୁ ପାଇ ପୁଅ ଭାବବିହ୍ୱଳ ହୋଇଯାଇଥିଲେ। ଉଭୟେ ପରସ୍ପରକୁ କୁଣ୍ଢାଇ ଧରି କାନ୍ଦି ପକାଇଥିଲେ। ପୁଅ ସହ ଯିବା ପୂର୍ବରୁ ସୁବ୍ରମଣ୍ୟମ୍ ତାମିଲ ଭାଷାରେ କୃତଜ୍ଞତା ଜଣାଇଛନ୍ତି। କରିଛନ୍ତି। ସୁବ୍ରମଣ୍ୟମ ବଖାଣିଥିବା ଅନୁଭୂତିକୁ ଭାଷାନ୍ତର କରି ପ୍ରଫୁଲ୍ଲ କୁହନ୍ତି, ତାଙ୍କୁ ଭଲରେ ରଖାଯାଇଥିଲା। କର୍ମଚାରୀମାନେ ସେବା କରୁଥିଲେ। ପୁଅ ସହ ବୃଦ୍ଧ ଜଣକ ଖୁସିରେ ଫେରିଥିବା ମିଶନର ସମ୍ପାଦକ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି।



ପରିବାର ସଦସ୍ୟ, ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ସଦସ୍ୟଙ୍କ ସହ ସୁବ୍ରମଣ୍ୟମ୍।

## ଡିସିସି ପ୍ଲେ ସ୍କୁଲ୍ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୪।୯**

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଶନିବାର ଡିସିସି ପ୍ଲେ ସ୍କୁଲ୍ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନକୁ ଉଦ୍‌ଘାଟନ କରି ଏମ୍‌ପି ମହେଶ ସାହୁ କହିଲେ, ବିନା ଶୁଳ୍କରେ ପ୍ଲେ ସ୍କୁଲରେ ଇଂଲିଶ ଶିକ୍ଷା ଭଲ ପଦକ୍ଷେପ। ସ୍କୁଲ୍ ସଭାପତି ତଥା ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ କହିଲେ, ବିବେକାନନ୍ଦ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଏହି ସ୍କୁଲ ଗଢ଼ିଉଠିଛି। ସଚେତନ ନାଗରିକ ଫୋରମ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବାରୁ ଖୁସି ଲାଗୁଛି। ଫୋରମ୍ ସମ୍ପାଦକ ଭରତ କୁମାର ଦାସ କହିଲେ, ବ୍ୟୟବହୁଳ ଇଂଲିଶ ଶିକ୍ଷାକୁ ସମସ୍ତେ ବିନା ଶୁଳ୍କରେ ପାଇବା ଉଚିତ। କାର୍ଯ୍ୟକାରୀ ସଭାପତି ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର ଫୋରମ୍ ଦ୍ୱାରା କରାଯାଉଥିବା ବିବିଧ ସେବାକାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ସ୍କୁଲ୍ ସମ୍ପାଦକ ଆଇନ୍‌ଜୀବୀ ଗୁପ୍ତେଶ୍ୱର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଶିକ୍ଷାନୁଷ୍ଠାନ ଅଧକ୍ଷ ପଙ୍କଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡିସିସି ପ୍ଲେ ସ୍କୁଲ୍‌ର ସମସ୍ତ କାର୍ଯ୍ୟକର୍ତ୍ତା, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।



ଏମ୍‌ପି ମହେଶ ସାହୁ ଉଦ୍‌ବୋଧନ ଦେଉଛନ୍ତି।

### କୂଅରେ ପଡ଼ି ବୃଦ୍ଧା ମୃତ

**ବଇଣ୍ଡା, ୪।୯(ଡି.ଏନ.ଏ.)**-କିଶୋରନଗର ବ୍ଲକ ହଣ୍ଡପା ଥାନା ପିତାଳିଗୋରୁଡ଼ା ଗ୍ରାମର ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଅସାବଧାନତାବଶତଃ କୂଅରେ ଖସିପଡ଼ିବାରୁ ସୁମତି ସାହୁ (୭୦)ଙ୍କ ମୃତ୍ୟୁ ଘଟିଛି। ସୁମତି ଉକ୍ତ ଖୋଲା କୂଅ ପାଖରେ ବୁଲୁଥିବାବେଳେ ହଠାତ୍ ଖସି ପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ଥାନାକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ. ୬/୨୨ରେ ଏକ ମାମଲା ରୁଜୁ ହୋଇଛି।

### ଗ୍ରାମେଶ୍ୱରୀଙ୍କ ବାର୍ଷିକ ପୂଜା

**ବଅଁରପାଳ,୪।୯(ଡି.ଏନ.ଏ.)**-ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଗ୍ରାମେଶ୍ୱରୀଙ୍କ ବାର୍ଷିକ ପୂଜା ରବିବାର ପାଳିତ ହୋଇଯାଇଛି। ଖୁମ୍ବେଶ୍ୱରୀ, ପିତାବଳୀ, ବ୍ରାହ୍ମଣୀଦେବୀ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଠାକୁରାଣୀଙ୍କ ଆଲମକୁ ଗ୍ରାମ ପରିକ୍ରମା କରାଯିବା ପରେ ପୀଠସ୍ଥଳୀକୁ ନିଆଯାଇଥିଲା। ସନ୍ଧ୍ୟାରେ ମାଜଣା ସହ ବଡ଼ ପୂଜା ସମ୍ପନ୍ନ ହୋଇଥିଲା। ମାନସିକ ପୂରଣ ପାଇଁ ବହୁ ଶିଶୁ ମୁଣ୍ଡନ କରିଥିଲେ। ଗ୍ରାମବାସୀ ପୂଜା ପରିଚାଳନା କରିଥିଲେ।

### ସ୍କୁଟି-ବାଇକ୍ ଧକ୍କା, ୨ ଗୁରୁତର

**ଛେଣ୍ଡିପଦା,୪।୯(ସ୍ୱ.ପ୍ର)**-ଛେଣ୍ଡିପଦା ଥାନା କୁକୁରପେଟା କାଜୁବଗିଚା ନିକଟରେ ରବିବାର ସ୍କୁଟି ଓ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ପରଦେଶୀ ସେଠୀ (୨୫), ଅଭିମନ୍ୟୁ ସାହୁ (୧୭) ଗୁରୁତର ହୋଇଛନ୍ତି। ଉଭୟେ ଏକ ସ୍କୁଟିରେ କୁକୁରପେଟାରୁ ଫୁଲଝରୀ ଛକ ନିକଟ ଗୋଦାମକୁ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ପ୍ରିନ୍ସ ଫେଷ୍ଟରେ ଝୁମିଲେ ଦର୍ଶକ


ସ୍ୱୟମ୍ ପାଢୀ

**ଅନୁଗୋଳ ଅଫିସ, ୪।୮**

ଅନୁଗୋଳ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ରବିବାର ସନ୍ଧ୍ୟାରେ 'ପ୍ରିନ୍ସ ଫେଷ୍ଟ' ଅନୁଷ୍ଠିତ ହୋଇଯାଇଛି। ହେମସୁରପଡ଼ା ଟାଉନ୍ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଏହି ସାଂସ୍କୃତିକ ସନ୍ଧ୍ୟାରେ ଗୋଟିଏ ପରେ ଗୋଟିଏ ଓଲିଉଡ୍ ଓ ବଲିଉଡ୍ ସଙ୍ଗୀତର ଧୁନ୍‌ରେ ଶ୍ରୋତା ଝୁମିଥିଲେ। ଗୀତର ତାଳେତାଳେ ଦର୍ଶକଙ୍କ ଠୁମ୍‌କା ମାହୋଲକୁ ଆହୁରି ରୋମାଞ୍ଚିତ କରିଦେଇଥିଲା। ଓଲିଉଡ୍ କଣ୍ଠଶିଳ୍ପୀ ସ୍ୱୟମ୍ ପାଢୀ, ନାଭ୍ୟା, ଶଶାଙ୍କ ଶେଖରଙ୍କ ହିଟ୍ ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ସାଂସ୍କୃତିକ ସନ୍ଧ୍ୟା ଆରମ୍ଭରୁ ସ୍ୱୟମ୍‌ଙ୍କ 'ମତେ ତ ତୋ ମନର ଟୋପା ଟୋପା ରଙ୍ଗ..., ତୁ ନୂଆ ସାଏରୀ..., ମୋ ପ୍ରେମ କାହାଣୀର ତୁ ନାୟିକା...ଗୀତ ଦର୍ଶକଙ୍କୁ ବିଭୋର କରିଥିଲା। ନାଭ୍ୟାଙ୍କ କାଟୁ କୈସେ ରାତେଁ..., ଏସେ ଲେହେରାକେ ତୁ... ଗୀତରେ ଦର୍ଶକ ଝୁମିଥିଲେ। ପରେ ପରେ ଶଶାଙ୍କ ଶେଖରଙ୍କ ତୋ ଆଖି ମୋ ଆଇନା...., ସୁନେଲି ସୁନେଲି ଖରା..., ସୁନାର ଚଢ଼େଇ.... ଗୀତ ସହ ସମ୍ବଲପୁରୀ ନୃତ୍ୟ ଦେଖାଣାହାରୀଙ୍କୁ ଆନମନା କରିଥିଲା। ଅନୁଗୋଳ ଉପଜିଲାପାଳ ବାଇତୁରା ଦୀପ, ତହସିଲଦାର ବିମଳ କୁମାର ଲେଙ୍କା, ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଭାଜପା ରାଜ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଶିଳ୍ପପତି ସତ୍ୟାନନ୍ଦ ଦଳବେହେରା, ବ୍ୟବସାୟୀ ଅନିଲ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରଶ୍ମିରଞ୍ଜନ ସାହୁ, ଦିବ୍ୟଜିତ୍ ଦାସ, ସରୋଜ ଦାସ, ନିରୂପମା ସିଂ, ଶୁଭ୍ରାଂଶୁ ଶେଖର ସାହୁ, ସୁନିଲ ଦାସ, ଆଶୁତୋଷ ବାଗଲେ, ସତ୍ୟ ସୁନ୍ଦର, ବଳରାମ ଜେନା, ଶାନ୍ତନୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।


ଶଶାଙ୍କ ଶେଖର


କଣ୍ଠଶିଳ୍ପୀ ନାଭ୍ୟା ସଙ୍ଗୀତ ପରିବେଷଣ କରୁଛନ୍ତି।


ଅତିଥିମାନେ ସାଂସ୍କୃତିକ ସନ୍ଧ୍ୟାକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରୁଛନ୍ତି।

